# .. ଶ୍ରୀମଦ୍ଭଗବଦ୍ଗୀତା ଦ୍ୱାଦଶୋऽଧ୍ୟାୟଃ (ଭକ୍ତିଯୋଗଃ) ..

CHAPTER 12
PATH OF DEVOTION

## ଅଥ ଦ୍ୱାଦଶୋऽଧ୍ୟାୟଃ . ଭକ୍ତିଯୋଗଃ

### ଅର୍ଜୁନ ଉବାଚ .

**ଏବଂ ସତତଯୁକ୍ତା ଯେ ଭକ୍ତାସ୍ତ୍ୱାଂ ପର୍ୟୁପାସତେ .**
**ଯେ ଚାପ୍ୟକ୍ଷରମବ୍ୟକ୍ତଂ ତେଷାଂ କେ ଯୋଗବିତ୍ତମାଃ .. ୧୨-୧..**

ଅର୍ଜୁନ ପଚାରିଲେ -- ଯେଉଁ ଅନନ୍ୟପ୍ରେମୀ ଭକ୍ତମାନେ ପୂର୍ବୋକ୍ତପ୍ରକାରେ ନିରନ୍ତର ଆପଣଙ୍କ ଭଜନ-ଧ୍ୟାନରେ ଲାଗିରହି ଆପଣଙ୍କୁ ଅର୍ଥାତ୍ ସଗୁଣରୂପ ପରମେଶ୍ୱରଙ୍କୁ ଭଜନ କରନ୍ତି ଏବଂ ଅନ୍ୟ ଯେଉଁମାନେ କେବଳ ଅବିନାଶୀ ସଚିଦାନନ୍ଦଘନ ନିରାକାର ବ୍ରହ୍ମଙ୍କୁ ହିଁ ଶ୍ରେଷ୍ଠଭାବରେ ଭଜନ କରନ୍ତି, ସେହି ଦୁଇପ୍ରକାର ଉପାସକଙ୍କ ମଧ୍ୟରେ ଅଧିକ ଉତ୍ତମ ଯୋଗବେତ୍ତା କେଉଁମାନେ ? ||୧୨-୦୧||

Arjuna said: Those ever-steadfast devotees (or Bhaktas) who thus worship You (as the manifest or personal God), and those who worship the eternal unmanifest (the formless or impersonal) Brahman (by developing Jnana), which of these has the best knowledge of yoga? (12.01)

### ଶ୍ରୀଭଗବାନୁବାଚ .

**ମୟ୍ୟାବେଶ୍ୟ ମନୋ ଯେ ମାଂ ନିତ୍ୟଯୁକ୍ତା ଉପାସତେ .**
**ଶ୍ରଦ୍ଧୟା ପରୟୋପେତାଃ ତେ ମେ ଯୁକ୍ତତମା ମତାଃ .. ୧୨-୨..**

ଶ୍ରୀଭଗବାନ୍ କହିଲେ--- ମୋଠାରେ ମନ ଏକାଗ୍ର କରି ନିରନ୍ତର ମୋର ଭଜନ --ଧ୍ୟାନରେ ଲାଗିରହିଥିବା ଯେଉଁ ଭକ୍ତମାନେ ପରମ ଶ୍ରଦ୍ଧାର ସହିତ ମୋତେ ଅର୍ଥାତ୍ ସଗୁଣରୂପ ପରେମେଶ୍ୱରଙ୍କୁ ଉପାସନା କରନ୍ତି, ମୋ ମତରେ, ସେମାନେ ଯୋଗୀମାନଙ୍କ ମଧ୍ୟରେ ଅତି ଉତ୍ତମ ଯୋଗୀ ଅଟନ୍ତି ||୧୨-୦୨ ||

The Supreme Lord said: Those ever steadfast devotees who worship with supreme faith by fixing their mind on Me as personal God, I consider them to be the best yogis. (See also 6.47) (12.02)

## ଯେ ତ୍ୱକ୍ଷରମନିର୍ଦେଶ୍ୟମବ୍ୟକ୍ତଂ ପର୍ୟୁପାସତେ .

## ସର୍ବତ୍ରଗମଚିଂତ୍ୟଂଚ କୂଟସ୍ଥମଚଲଂଧ୍ରୁବମ୍ .. ୧୨-୩..

## ସନ୍ନିୟମ୍ୟେଂଦ୍ରିୟଗ୍ରାମଂ ସର୍ବତ୍ର ସମବୁଦ୍ଧୟଃ .

## ତେ ପ୍ରାପ୍ନୁବଂତି ମାମେବ ସର୍ବଭୂତହିତେ ରତାଃ .. ୧୨-୪..

ପରନ୍ତୁ ଯେଉଁ ପୁରୁଷମାନେ ଇନ୍ଦ୍ରିୟସମୁଦାୟକୁ ଭଲରୂପେ ବଶ କରି ମନ- ବୁଦ୍ଧିର ଅତୀତ, ସର୍ବବ୍ୟାପୀ, ଅନିର୍ବଚନୀୟସ୍ୱରୂପ ଓ ସଦା ଏକରସ ହୋଇ ରହୁଥିବା, ନିତ୍ୟ, ଅଚଳ, ନିରାକାର, ଅବିନାଶୀ ସଚ୍ଚିଦାନନ୍ଦଘନ ବ୍ରହ୍ମଙ୍କୁ ନିରନ୍ତର ଏକୀଭାବରେ ଧ୍ୟାନରତ ହୋଇ ଭଜନ୍ତି, ସମସ୍ତ ପ୍ରାଣୀଙ୍କ ହିତରେ ରତ ଓ ସମସ୍ତଙ୍କ ଠାରେ ସମାନ ଭାବ ରଖୁଥିବା ସେହି ଯୋଗୀମାନେ ମୋତେ ହିଁ ପ୍ରାପ୍ତ ହୁଅନ୍ତି ||୧୨-୦୩:୦୪ ||

But those who worship the imperishable, the undefinable, the unmanifest, the omnipresent, the unthinkable, the unchanging, the immovable, and the eternal Brahman; (12.03)
Restraining all the senses, even minded under all circumstances, engaged in the welfare of all creatures, they also attain Me. (12.04)

## କ୍ଲେଶୋଽଧିକତରସ୍ତେଷାମବ୍ୟକ୍ତାସକ୍ତଚେତସାମ୍ ..

## ଅବ୍ୟକ୍ତା ହି ଗତିର୍ଦୁଃଖଂ ଦେହବଦ୍ଭିରବାପ୍ୟତେ .. ୧୨-୫..

ସେହି ସଚ୍ଚିଦାନନ୍ଦଘନ ନିରାକାର ବ୍ରହ୍ମରେ ଆସକ୍ତଚିତ୍ତ ପୁରୁଷମାନଙ୍କର ସାଧନା ବିଶେଷ ପରିଶ୍ରମସାଧ୍ୟ ହୋଇଥାଏ; କାରଣ ଦେହାଭିମାନୀମାନଙ୍କ ଦ୍ୱାରା ଅବ୍ୟକ୍ତବିଷୟକ ଗତି ଦୁଃଖପୂର୍ବକ ପ୍ରାପ୍ତ କରାଯାଇଥାଏ ||୧୨-୦୫ ||

Self-realization is more difficult for those who fix their mind on the formless Brahman, because the comprehension of the unmanifest Brahman by the average embodied human being is very difficult. (12.05)

## ଯେ ତୁ ସର୍ବାଣି କର୍ମାଣି ମୟି ସଂନ୍ୟସ୍ୟ ମତ୍ପରଃ .

## ଅନନ୍ୟେନୈବ ଯୋଗେନ ମାଂ ଧ୍ୟାୟଂତ ଉପାସତେ .. ୧୨-୬..

ପରନ୍ତୁ ମୋର ପରାୟଣ ହୋଇଥିବା ଯେଉଁ ଭକ୍ତମାନେ ସମସ୍ତ କର୍ମ ମୋଠାରେ ଅର୍ପଣ କରିଦେଇ ମୋତେ ଅର୍ଥାତ୍ ସଗୁଣରୂପ  ପରମେଶ୍ୱରଙ୍କୁ ହିଁ ଅନନ୍ୟ ଭକ୍ତିଯୋଗରେ ନିରନ୍ତନ ଚିନ୍ତନ କରି କରି ଭଜନ୍ତି, - - - ||୧୨-୦୬||

But, to those who worship Me as the personal God, renouncing all actions to Me; setting Me as their supreme goal, and meditating on Me with single minded devotion; (12.06)

## ତେଷାମହଂ ସମୁଦ୍ଧର୍ତା ମୃତ୍ୟୁସଂସାରସାଗରାତ୍ .

## ଭବାମି ନଚିରାତ୍ପାର୍ଥ ମୟ୍ୟାବେଶିତଚେତସାମ୍ .. ୧୨-୭..

ହେ ଅର୍ଜୁନ ! ମୋଠାରେ ଚିତ୍ତ ନିବେଶ କରିଥିବା ସେହି ପ୍ରେମୀ ଭକ୍ତମାନଙ୍କୁ ମୁଁ ଶୀଘ୍ର ହିଁ ମୃତ୍ୟୁରୂପକ ସଂସାରସାଗରରୁ ଉଦ୍ଧାର କରିଦିଏ | ||୧୨-୦୭||

I swiftly become their savior, from the world that is the ocean of death and transmigration, whose thoughts are set on Me, O Arjuna. (12.07)

## ମୟ୍ୟେବ ମନ ଆଧତ୍ସ୍ୱ ମୟି ବୁଦ୍ଧିଂ ନିବେଶୟ .

## ନିବସିଷ୍ୟସି ମୟ୍ୟେବ ଅତ ଊର୍ଧ୍ୱଂ ନ ସଂଶୟଃ .. ୧୨-୮..

ତେଣୁ ତୁମେ ମୋ ଠାରେ ହିଁ ମନ ଲଗାଅ; ମୋ ଠାରେ ହିଁ ବୁଦ୍ଧି ଲଗାଇ ଦିଅ | ତା'ହେଲେ ତୁମେ ଯେ ମୋ ଠାରେ ହିଁ ନିବାସ କରିବ, ଏଥିରେ କୌଣସି ସନ୍ଦେହ ନାହିଁ ||୧୨-୦୮||

Therefore, focus your mind on Me alone and let your intellect dwell upon Me through meditation and contemplation. Thereafter you shall certainly come to Me. (12.08)

## ଅଥ ଚିତ୍ତଂ ସମାଧାତୁଂ ନ ଶକ୍ନୋଷି ମୟି ସ୍ଥିରମ୍ .

## ଅଭ୍ୟାସଯୋଗେନ ତତୋ ମାମିଚ୍ଛାପ୍ତୁଂ ଧନଂଜୟ .. ୧୨-୯..

ଯଦି ତୁମେ ମୋଠାରେ ଦୃଢରୂପେ ଚିତ୍ତ ସ୍ଥାପନ କରିବାକୁ ସମର୍ଥ ନ ହେଉଛ, ତେବେ ହେ ଅର୍ଜୁନ ! ଅଭ୍ୟାସରୂପୀ ଯୋଗଦ୍ୱାରା ମୋତେ ପାଇବାକୁ ଇଚ୍ଛାକର ||୧୨-୦୯||

If you are unable to meditate (or focus your mind) steadily on Me, then seek to reach Me, O Arjuna, by practice of (any other)
spiritual discipline (or Sadhana of your choice). (12.09)

## ଅଭ୍ୟାସେଽପ୍ୟସମର୍ଥୋଽସି ମତ୍କର୍ମପରମୋ ଭବ .

## ମଦର୍ଥମପି କର୍ମାଣି କୁର୍ବନ୍ସିଦ୍ଧିମବାପ୍ସ୍ୟସି .. ୧୨-୧୦..

ଯଦି ତୁମେ ଉପୋରକ୍ତ ଅଭ୍ୟାସ କରିବାରେ ମଧ୍ୟ ଅସମର୍ଥ ହେଉଛ, ତେବେ କେବଳ ମୋ ପାଇଁ କର୍ମ କରିବାରେ ହିଁ ପରାୟଣ ହୁଅ | ମୋ ପାଇଁ ଏପରି କର୍ମ କରୁ କରୁ ମଧ୍ୟ ତୁମେ ମୋତେ ପାଇବାରୂପକ ସିଦ୍ଧି ଲାଭ କରିପାରିବ ||୧୨-୧୦||

If you are unable even to do any Sadhana, then be intent on performing your duty for Me. You shall attain perfection just by working for Me (as an instrument, just to serve and please Me, without selfish motives). (See also 9.27, 18.46) (12.10)

**ଅଥୈତଦପ୍ୟଶକ୍ତୋଽସି କର୍ତୁଂ ମଦ୍ୟୋଗମାଶ୍ରିତଃ .**

**ସର୍ବକର୍ମଫଲତ୍ୟାଗଂ ତତଃ କୁରୁ ଯତାତ୍ମବାନ୍ .. ୧୨-୧୧..**

ଯଦି ମୋର ପ୍ରାପ୍ତିରୂପକ ଯୋଗର ଆଶ୍ରିତ ହୋଇ ଉପରୋକ୍ତ ସାଧନା କରିବାରେ ମଧ୍ୟ ତୁମେ ଅସମର୍ଥ ଅଟ, ତେବେ ସଂଯତାତ୍ମା ହୋଇ ଅର୍ଥାତ୍ ମନ, ବୁଦ୍ଧି ଆଦି ଉପରେ ବିଜୟ ଲାଭ କରି ସମସ୍ତ କର୍ମଫଳ ତ୍ୟାଗ କର ||୧୨-୧୧||

If you are unable to work for Me then just surrender unto My will with subdued mind, and renounce (the attachment to, and the anxiety for) the fruits of all work (by learning to accept all results, as God-given, with equanimity). (12.11)

**ଶ୍ରେୟୋ ହି ଜ୍ଞାନମଭ୍ୟାସାଜ୍ଜ୍ଞାନାଦ୍ଧ୍ୟାନଂ ବିଶିଷ୍ୟତେ .**

**ଧ୍ୟାନାତ୍କର୍ମଫଲତ୍ୟାଗସ୍ତ୍ୟାଗାଚ୍ଛାଂତିରନଂତରମ୍ .. ୧୨-୧୨..**

ମର୍ମ ନ ଜାଣି କରାଯାଉଥିବା ଅଭ୍ୟାସ ଅପେକ୍ଷା ଜ୍ଞାନ ଶ୍ରେଷ୍ଠ; ଜ୍ଞାନଠାରୁ ମୋର ପରମେଶ୍ୱର-ସ୍ୱରୂପର ଧ୍ୟାନ ଶ୍ରେଷ୍ଠ ଏବଂ ଧ୍ୟାନ ଅପେକ୍ଷା ସବୁକର୍ମର ଫଳତ୍ୟାଗ ଶ୍ରେଷ୍ଠ ଅଟେ; କାରଣ ତ୍ୟାଗଦ୍ୱାରା ତତ୍କାଳ ହିଁ ପରମ ଶାନ୍ତି ପ୍ରାପ୍ତ ହୋଇଥାଏ | ||୧୨-୧୨||

Knowledge is better than mere ritualistic practice, meditation is better than mere knowledge, renunciation of the fruit of work is better than meditation, peace immediately follows the renunciation of (the attachment to) the fruit of work. (See more on renunciation in Chapter 18) (12.12)

**ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣ ଏବ ଚ .**

**ନିର୍ମମୋ ନିରହଂକାରଃ ସମଦୁଃଖସୁଖଃ କ୍ଷମୀ .. ୧୨-୧୩..**

**ସଂତୁଷ୍ଟଃ ସତତଂ ଯୋଗୀ ଯତାତ୍ମା ଦୃଢନିଶ୍ଚୟଃ .**

**ମୟ୍ୟର୍ପିତମନୋବୁଦ୍ଧିର୍ୟୋ ମଦ୍ଭକ୍ତଃ ସ ମେ ପ୍ରିୟଃ .. ୧୨-୧୪..**

ଯେଉଁ ପୁରୁଷ ସକଳ ଭୂତଙ୍କଠାରେ ଦ୍ୱେଷରହିତ, ନିଃସ୍ୱାର୍ଥଭାବରେ ସମସ୍ତଙ୍କର ପ୍ରେମୀ ଓ ଅହେତୁକ ଦୟାଳୁ ତଥା ମମତାରହିତ, ଅହଙ୍କାରରହିତ, ସୁଖଦୁଃଖପ୍ରାପ୍ତିରେ ସମ ଓ କ୍ଷମାଶୀଳ ଅର୍ଥାତ୍ ଅପରାଧୀକୁ ବି ଅଭୟ ପ୍ରଦାନ କରନ୍ତି, ପୁଣି ଯେଉଁ ଯୋଗୀ ନିରନ୍ତର ସନ୍ତୁଷ୍ଟ ରହନ୍ତି, ମନ ଓ ଇନ୍ଦ୍ରିୟମାନଙ୍କ ସହିତ ଶରୀରକୁ ବଶ କରି ରଖିଥାନ୍ତି ଏବଂ ଯେ ମୋଠାରେ ଦୃଢନିଶ୍ଚୟ ହୋଇଥାନ୍ତି, ମୋ ଠାରେ ମନ-ବୁଦ୍ଧି ଅର୍ପଣ କରିଦେଇଥିବା ସେହି ଭକ୍ତ ମୋର ପ୍ରିୟ ଅଟନ୍ତି ||୧୨-୧୩:୧୪||

One who does not hate any creature, who is friendly and compassionate, free from (the notion of) ``I'' and ``my'', even-minded in pain and pleasure, forgiving; and (12.13)
The yogi who is ever content, who has subdued the mind, whose resolve is firm, whose mind and intellect are engaged in dwelling upon Me; such a devotee is dear to Me. (12.14)

**ଯସ୍ମାନ୍ନୋଦ୍ୱିଜତେ ଲୋକୋ ଲୋକାନ୍ନୋଦ୍ୱିଜତେ ଚ ଯଃ .**

**ହର୍ଷାମର୍ଷଭୟୋଦ୍ୱେଗୈର୍ମୁକ୍ତୋ ଯଃ ସ ଚ ମେ ପ୍ରିୟଃ .. ୧୨-୧୫..**

ଯାହାଙ୍କ ଦ୍ୱାରା କୌଣସି ବି ଜୀବ ଉଦ୍‌ବିଗ୍ନ ହୁଏ ନାହିଁ, କି ସେ ନିଜେ କୌଣସି ଜୀବଦ୍ୱାରା ଉଦ୍‌ବିଗ୍ନ ହୁଅନ୍ତି ନାହିଁ, ତଥା ଯେ ହର୍ଷ, ଅମର୍ଷ, ଭୟ ଓ ଉଦ୍‌ବେଗାଦିରୁ ରହିତ ସେହି ଭକ୍ତ ମୋର ପ୍ରିୟ ଅଟନ୍ତି |୧୨-୧୫||

The one by whom others are not agitated, and who is not agitated by others; who is free from joy, envy, fear, and anxiety; is also dear to Me. (12.15)

**ଅନପେକ୍ଷଃ ଶୁଚିର୍ଦକ୍ଷ ଉଦାସୀନୋ ଗତବ୍ୟଥଃ .**

**ସର୍ବାରଂଭପରିତ୍ୟାଗୀ ୟୋ ମଦ୍ଭକ୍ତଃ ସ ମେ ପ୍ରିୟଃ .. ୧୨-୧୬..**

ଯେ ଆକାଙ୍‌କ୍ଷାରହିତ, ବାହାରେ ଓ ଭିତରେ ଶୁଦ୍ଧ, ଦକ୍ଷ, ପକ୍ଷପାତରହିତ ଓ ଦୁଃଖରୁ ମୁକ୍ତ ଅଟନ୍ତି, ସେହି ସର୍ବାରମ୍ଭତ୍ୟାଗୀ ଭକ୍ତ ମୋର ପ୍ରିୟ ||୧୨-୧୬||

One who is free from desires; who is pure, wise, impartial, and free from anxiety; who has renounced (the doership in) all undertakings; and who is devoted to Me, is dear to Me. (12.16)

**ୟୋ ନ ହୃଷ୍ୟତି ନ ଦ୍ୱେଷ୍ଟି ନ ଶୋଚତି ନ କାଂକ୍ଷତି .**

**ଶୁଭାଶୁଭପରିତ୍ୟାଗୀ ଭକ୍ତିମାନ୍ ଯଃ ସ ମେ ପ୍ରିୟଃ .. ୧୨-୧୭..**

ଯେ କେବେ ହର୍ଷିତ ହୁଅନ୍ତି ନାହିଁ, ଦ୍ୱେଷ କରନ୍ତି ନାହିଁ, ଶୋକ କରନ୍ତି ନାହିଁ, କି କାମନା କରନ୍ତି ନାହିଁ ତଥା ଯେ କି ଶୁଭ, କି ଅଶୁଭ ସକଳ କର୍ମର ତ୍ୟାଗୀ ଅଟନ୍ତି, ସେହି ଭକ୍ତିମାନ୍ ପୁରୁଷ ମୋର ପ୍ରିୟ ||୧୨-୧୭||

One who neither rejoices nor grieves, neither likes nor dislikes, who has renounced both the good and the evil, and who is full of devotion, such a person is dear to Me. (12.17)

**ସମଃ ଶତ୍ରୌ ଚ ମିତ୍ରେ ଚ ତଥା ମାନାପମାନୟୋଃ .**

**ଶୀତୋଷ୍ଣସୁଖଦୁଃଖେଷୁ ସମଃ ସଂଗବିବର୍ଜିତଃ .. ୧୨-୧୮..**

ଯେ ଶତ୍ରୁ-ମିତ୍ରଠାରେ ଓ ମାନ-ଅପମାନରେ ସମ, ତଥା ଶୀତ-ଉଷ୍ଣ ଓ ସୁଖ-ଦୁଃଖାଦି ଦ୍ୱନ୍ଦରେ ସମ ଏବଂ ଆସକ୍ତିରହିତ, --- ||୧୨-୧୮||

The one who remains the same towards friend or foe, in honor or disgrace, in heat or cold, in pleasure or pain; who is free from attachment; and (12.18)

## ତୁଲ୍ୟନିଂଦାସ୍ତୁତିର୍ମୌନୀ ସଂତୁଷ୍ଟୋ ଯେନ କେନଚିତ୍ .
## ଅନିକେତଃ ସ୍ଥିରମତିର୍ଭକ୍ତିମାନ୍ମେ ପ୍ରିୟୋ ନରଃ .. ୧୨-୧୯..

ଯେ ନିନ୍ଦା ଓ ସ୍ତୁତିକୁ ସମାନ ବୋଲି ଦେଖନ୍ତି, ଯେ ମନନଶୀଳ ଏବଂ ଯେ ଯେକୌଣସିପ୍ରକାର ଶରୀରନିର୍ବାହ ହେବାରେ ସଦା ହିଁ ସନ୍ତୁଷ୍ଟ ରହନ୍ତି ଓ ବାସସ୍ଥାନ ପ୍ରତି ମମତ୍ୱ ଓ ଆସକ୍ତିରୁ ରହିତ ଅଟନ୍ତି, ସେହି ସ୍ଥିରବୁଦ୍ଧି ଭକ୍ତିମାନ୍ ପୁରୁଷ ମୋର ପ୍ରିୟ ଅଟନ୍ତି |୧୨-୧୯||

The one who is indifferent or silent in censure or praise, content with anything, unattached to a place (country, or house), equanimous, and full of devotion; that person is dear to Me. (12.19)

## ଯେ ତୁ ଧର୍ମ୍ୟାମୃତମିଦଂ ଯଥୋକ୍ତଂ ପର୍ୟୁପାସତେ .
## ଶ୍ରଦ୍ଦଧାନା ମତ୍ପରମା ଭକ୍ତାସ୍ତେଽତୀବ ମେ ପ୍ରିୟାଃ .. ୧୨-୨୦..

ପରନ୍ତୁ ଯେଉଁ ଶ୍ରଦ୍ଧାଯୁକ୍ତ ପୁରୁଷମାନେ ମୋର ପରାୟଣ ହୋଇ ଉପରୋକ୍ତ ଧର୍ମମୟ ଅମୃତକୁ ନିଷ୍କାମ ପ୍ରେମଭାବରେ ସେବନ କରନ୍ତି, ସେହି ଭକ୍ତମାନେ ମୋର ଅତିଶୟ ପ୍ରିୟ ଅଟନ୍ତି | ||୧୨-୨୦||

But those devotees who have faith and sincerely try to develop the above mentioned immortal virtues, and set Me as their supreme goal; are very dear to Me. (12.20)

**ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ**
**ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ**
**ଭକ୍ତିଯୋଗୋ ନାମ ଦ୍ୱାଦଶୋଽଧ୍ୟାୟଃ .. ୧୨..**

**

---

PREPARED BY **www.odia.org** using the "**DHWANI-UNICODE**" software.
The shlokas are based on itrans text and the english meanings are quoted from “The Bhagavad-Geeta by Ramanand Prasad” (file “bgita_meaning.txt”) at www.sanskritdocuments.org .

The odia meaning is quoted from shrimadbhagabatgiitaa (Gita Press Gorakhpur #1100, ISBN 81-293-0066-4) in odia with tiikka by Jayadayaal Goyandaka.
**FOR CORRECTIONS: MAIL TO odiaorg@gmail.com**